# The Baptist Tabernacle of Los Angeles

Mailing Address:
P. O. Box 15308
Los Angeles, CA 90015
Phone: (213) 744-9999
E-mail: rlhymersjr@sbcglobal.net
www.sermonsfortheworld.com
www.baptisttabernacle.com




Jack Ngann
Pastor

Dr. R. L. Hymers, Jr.
Pastor Emeritus

ଡିସେମ୍ବର, ୨୦୨୧

ପ୍ରିୟ ବନ୍ଧୁ:

ଆମେ କେତେ ଦୁଃଖ  କଷ୍ଟ ମଧ ଦେଇ ଯାଉଅ ଛୁ, ଏବଂ ପରମେଶ୍ୱରଙ୍କ ଉତ୍ତମତା କେତେ ମହତ୍! ଏହି ବର୍ଷ ଜାନୁଆରୀ ମାସରେ ମୋର ଧର୍ମନିଷ୍ଠା ତଥା ପ୍ରିୟ ପତ୍ନୀ ଇଲିଆନା କରୋନାଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଥିଲେ। ମୁଁ ଭାବିଲି ସେ ମୃତ୍ୟୁବରଣ କରିପାରନ୍ତି। ଆମ ମଣ୍ଡଳୀ ତାଙ୍କ ନିମନ୍ତେ ଅନେକ ଥର ପ୍ରାର୍ଥନା କରିଥିଲା। ଏବଂ ସମଗ୍ର ଜଗତର ପାଳକଗଣ ଏବଂ ଅନ୍ୟ ବିଶ୍ୱାସୀମାନେ ମଧ ତାଙ୍କ ନିମନ୍ତେ ପ୍ରାର୍ଥନା କରିଥିଲେ ଏବଂ ତାଙ୍କୁ ସାନ୍ତ୍ୱନା ଏବଂ ସମର୍ଥନର ବାର୍ତ୍ତା ଦେଇଥିଲେ ପାକିସ୍ତାନର ଜଣେ ପ୍ରଚାରକ ପ୍ରତିଦିନ ସକାଳେ  ବିଭିନ୍ନ ସ୍ଥାନ ରୁ ତାଙ୍କୁ ଟେଲିଫୋନ୍  ଯୋଗେ କଥାବାର୍ତ୍ତା  କରୁଥିଲେ ପରମେଶ୍ୱର ପ୍ରାର୍ଥନାର ଉତ୍ତର ଦେଲେ, ଏବଂ ମୋ ପତ୍ନୀ ସଂପୂର୍ଣ୍ଣ ରୂପେ ସୁସ୍ଥ ହୋଇଗଲେ! ତାଙ୍କ ପାଇଁ ପ୍ରାର୍ଥନା କରିଥିବା ସମସ୍ତଙ୍କୁ ମୋର ଧନ୍ୟବାଦ ଜ୍ଞାପନ କରେ।

ସଦାସର୍ବଦା ମୋ ଜୀବନରେ ଗୋଟିଏ ବାକ୍ୟ ରହିଥାଏ, ତାହା ହେଲା ଫିଲିପ୍ପୀୟ ୪:୧୩। ସର୍ବପ୍ରଥମେ ମୁଁ ସେହି ବାକ୍ୟକୁ ସ୍ଥାନ ଦେବାକୁ ଚାହିଁବି। ବାଇବଲ କୁହେ,

> "ମୁଁ ଦୀନତା ଭୋଗ କରି ଜାଣେ ଓ ପ୍ରଚୁରତା ମଧ ଭୋଗ କରି ଜାଣେ  ; ସର୍ବ ଅବସ୍ଥାରେ ଓ ସର୍ବ-ବିଷୟରେ, ପରିତୃପ୍ତ ହେବାରେ ବା କ୍ଷୁଧିତ ରହିବାରେ, ପ୍ରଚୁରତା ଭୋଗ କରିବାରେ କିଅବା ଅଭାବଗ୍ରସ୍ତ ହେବାରେ ମୁଁ ସୁଶିକ୍ଷିତ ହୋଇଛି।  ମୋହର ଶକ୍ତିଦାତାଙ୍କ ସାହାଯ୍ୟରେ ମୁଁ ସମସ୍ତ କରି ପାରେ।"
> (ଫିଲିପ୍ପୀୟ ୪:୧୨, ୧୩)

ଇଲିଆନାର ଅସୁସ୍ଥତା ସମୟରେ ଖ୍ରୀଷ୍ଟ ମୋତେ ଏବଂ  ତାଙ୍କୁ ଶକ୍ତିଶାଳୀ କଲେ। ଏବଂ ତାଙ୍କୁ ସୁସ୍ଥ କରିଥିବାରୁ ଆମ୍ଭେମାନେ ଆନନ୍ଦିତ ହେବା  ସମୟରେ ଏବଂ ଖ୍ରୀଷ୍ଟଙ୍କୁ ଧନ୍ୟବାଦ ଦେବା  ସମୟରେ ଖ୍ରୀଷ୍ଟ ଆମକୁ ଶକ୍ତିଶାଳୀ କରନ୍ତି । "ମୋହର ଖ୍ରୀଷ୍ଟଙ୍କ ସାହାଯ୍ୟରେ ମୁଁ *ସମସ୍ତ* କରି ପାରେ।"

ମାର୍ଚ୍ଚ ମାସ ୨୪ ତାରିଖରେ ଲସ୍ ଆଞ୍ଜେଲ୍ସ ସହରରେ ଆମର ପୁରୁଣା କୋଠାର ବିକ୍ରୟ ଉପରେ ଶେଷରେ ଏସ୍କ୍ରୋ ବନ୍ଦ ହୋଇଗଲା। ସେହି କୋଠାଟି ବର୍ତ୍ତମାନ ଏକ କୋରିଆ ଚର୍ଚ୍ଚ ଦ୍ୱାରା ଦଖଲ କରାଯାଇଛି  । ସାନ୍ ଗାବ୍ରିଏଲ ସହରରେ ଆମର ନୂତନ ଚର୍ଚ୍ଚ ଭବନର ଉନ୍ନତି  କରିବା ପାଇଁ ଏହି ଅର୍ଥ ବ୍ୟବହୃତ ହେଉଛି । ନୂତନ ଚର୍ଚ୍ଚ "ଗ୍ରେଟର ଲସ୍ ଆଞ୍ଜେଲ୍ସର ଚାଇନିଜ୍ ବାପଟିଷ୍ଟ ଟ୍ୟାବର୍ନାକଲ୍" ର ପାଳକ ଜ୍ୟାକ୍ ଗାନ୍ ହେବେ।

ଏପ୍ରିଲ୍ ମାସ ୧୧ ତାରିଖରେ ମୋର ୮୦ ତମ ଜନ୍ମଦି ବସ ପାଳନ କରିବାକୁ ଆମେ ସମସ୍ତେ ବିଳାସପୂର୍ଣ୍ଣ ବେଭର୍ଲି ହିଲଟନ୍ ହୋଟେଲରେ ଏକତ୍ରୀତ ଭେଟିଥିଲୁ, ଯାହା ତା ପରଦିନ ଥିଲା। ସମଗ୍ର ବିଶ୍ୱର ପ୍ରଚାରକ ଏବଂ ଖ୍ରୀଷ୍ଟିଆନମାନଙ୍କଠାରୁ ଅନେକ ଜନ୍ମଦିନର ଶୁଭେଚ୍ଛା ଆସିଥିଲା। ଆମ ପୁଅ ରବର୍ଟ ଲେସଲି ଭୋଜ ପ୍ରସ୍ତୁତି ଏବଂ ସଂପୂର୍ଣ୍ଣ ଆୟୋଜନ ନିମନ୍ତେ ଅର୍ଥ ପ୍ରଦାନ କରିଥିଲେ। ରବର୍ଟ ଜଣେ ବୁଦ୍ଧିମାନ ଏବଂ ସଫଳ ବ୍ୟବସାୟୀ ଅଟେ। ଡୋମିନିକାନ୍ ରିପବ୍ଲିକର ବେଥେସଦା

***ଆପଣ WWW.SERMONSFORTHEWORLD.COM ରେ ୪୬ଟି ଭାଷାରେ ଆମର ଶହଶହ ଶାବ୍ଦିକ ଉପଦେଶ ଏବଂ ଶିକ୍ଷାଗୁଡିକ ପାଠ ପଢ଼ିପାରିବେ।***

ଖ୍ରୀଷ୍ଟିଆନ ଚର୍ଚ୍ଚର ପାଳକ ରେଭ. ରୁପେର୍ଟୋ ମେଦିନା ସେହି ଉତ୍ସବ ପାଇଁ ଉଡ଼ାଜାହାଜ ଯୋଗେ ଆସି ପ୍ରାରମ୍ଭିକ ପ୍ରାର୍ଥନା କରିଥିଲେ। ତାହା ଆମ ନିମନ୍ତେ ଏକ ବିଶେଷ ସମୟ ଥିଲା!

ମେ ମାସ ୩ ତାରିଖରେ ଆମର ୱେବସାଇଟ୍ www.sermonsfortheworld.com ରେ ଓଡିଆରେ ଉପଦେଶଗୁଡ଼ିକ ଅପଲୋଡ଼ କରାଯାଇଥିଲା। ଭାରତର ଅନେକ ଭାଷା ମାନଙ୍କ ମଧ୍ଯରୁ ଓଡିଆ ଅନ୍ୟତମ ଅଟେ। ୩୦ ମିଲିୟନରୁ ଅଧିକ ଲୋକ ଏହାକୁ ସେମାନଙ୍କର ପ୍ରଥମ ଭାଷା ଭାବରେ ବ୍ୟବହାର କରନ୍ତି! ଏହି ଉପଦେଶଗୁଡ଼ିକ ବ୍ୟବହାର କରିବା ପାଇଁ କିଛି ଅର୍ଥ ପରିଶୋଧ କରିବାକୁ ମୁଁ କୁହେ ନାହିଁ। କାରଣ ଯଥାସମ୍ଭବ ଅଧିକରୁ ଅଧିକ ଭାଷାରେ ସମଗ୍ର ବିଶ୍ୱକୁ ସୁସମାଚାର ପହଞ୍ଚାଇବା ମୋର ଏକମାତ୍ର ଇଚ୍ଛା ଅଟେ। ସେଥିପାଇଁ ଉପଦେଶର ପାଣ୍ଡୁଲିପିଗୁଡ଼ିକ କପିରାଇଟ୍ ହୋଇନଥାଏ, ଏବଂ ଲୋକମାନେ ସେଗୁଡିକୁ ପ୍ରଚାର କରିପାରିବେ କିମ୍ବା ଯେ କୌଣସି ଉପାୟରେ ବ୍ୟବହାର କରିପାରିବେ। ଏହି ଉପଦେଶ ଗୁଡ଼ିକ ଉପଲବ୍ଧ କରାଇଥିବାରୁ ପ୍ରତି ସପ୍ତାହରେ ମୋତେ ଧନ୍ୟବାଦ ଜ୍ଞାପନ କରି ପୃଥିବୀର ବିଭିନ୍ନ ସ୍ଥାନରୁ ଇମେଲ ପଠାଯାଇଥାଏ।

ମେ ମାସର ୧୪ ତାରିଖରେ ଏକ ସୁଃଖଦ ଘଟଣା ଘଟିଲା। ଆମର ନାତି ରବର୍ଟ ଲେସଲି ହାଇମର୍ସ ଚତୁର୍ଥ ଜନ୍ମ ହୋଇଥିଲେ! ସେ ମୋ ପୁଅ ରବର୍ଟ ଏବଂ ତାଙ୍କ ପତ୍ନୀ ଜିନ୍ ଙ୍କ ପୁଅ ଅଟେ। ସେମାନଙ୍କର ଆଉ ଦୁଇଟି ଝିଅ ଅଛନ୍ତି, ହାନ୍ନା ଏବଂ ସାରା। ସେହି ନୂତନ ଶିଶୁଟି ଆମର ପ୍ରଥମ ଏବଂ ଏକମାତ୍ର ନାତି ଅଟେ। ମୁଁ ତାଙ୍କୁ "ଲିଟିଲ୍ ବବ୍" ବୋଲି ଡାକେ। ସେ ଜଣେ ଭଲ ସାଥୀ, ଏବଂ ମୁଁ ପ୍ରାର୍ଥନା କରେ ଯେ ଇଶ୍ବର ତାଙ୍କୁ ଜଣେ ପ୍ରଚାରକ ଭାବରେ ଆହ୍ୱାନ କରନ୍ତୁ!

ଖ୍ରୀଷ୍ଟ ମୋତେ ଭଲ କିମ୍ବା ମନ୍ଦ ପ୍ରତ୍ୟେକ ସମୟରେ ଶକ୍ତିଶାଳୀ କରିଅଛନ୍ତି, ଯେତେବେଳେ ମୁଁ ପରିପୂର୍ଣ୍ଣ ଥାଏ କିମ୍ବା ଯେତେବେଳେ ମୁଁ କ୍ଷୁଧିତ ଅବସ୍ଥାରେ ଥାଏ, ଯେତେବେଳେ ମୋର ସବୁକିଛି ଥାଏ କିମ୍ବା ଯେତେବେଳେ ମୋର ଆବଶ୍ୟକତା ରହିଥାଏ, ଏପରି ପ୍ରତ୍ୟେକ ସମୟରେ ସେ ମୋର ସହବର୍ତ୍ତୀ ଅଟନ୍ତି। ଗତ ଜୁନ୍ ମାସରେ ମୋର ଗୋଟିଏ ଷ୍ଟ୍ରୋକ୍ ହୋଇଥିଲା। ସେବେଠାରୁ ମୁଁ ଘରେ ବିଶ୍ରାମ ନେଉଛି। ମୋର ଜଣେ ପେଶାଗତ ଯତ୍ନକାରୀ ଅଛନ୍ତି ଯିଏ ମୋତେ ସାହାଯ୍ୟ କରନ୍ତି, କିନ୍ତୁ ମୋର ସବୁଠାରୁ ବଡ଼ ସାହାଯ୍ୟକାରୀ ହେଉଛନ୍ତି ମୋ ପତ୍ନୀ ଇଲିଆନା। ଯାହା କିଛି ବି ହୋଇପାରେ, କିନ୍ତୁ ମୁଁ କଦାପି ସୁସମାଚାରର ସେବାକାର୍ଯ୍ୟକୁ ଛାଡିବି ନାହିଁ। ପ୍ରତି ସପ୍ତାହରେ ମୁଁ ଏକ ଭିଡିଓ ବାର୍ତ୍ତା ରେକର୍ଡ କରେ ଯାହା ଆମ ଚର୍ଚ୍ଚରେ ଦେଖାଇ ଦିଆଯାଏ ଏବଂ ଆମ ୱେବସାଇଟରେ ପ୍ରଦର୍ଶିତ ହୁଏ। ମୋ ଜୀବନସାରା, ଖ୍ରୀଷ୍ଟ ମୋତେ ଶକ୍ତିଶାଳୀ କରନ୍ତି!

ମୁଁ ପ୍ରାୟତଃ ଆମ ଚର୍ଚ୍ଚରେ ମାରିଲିନ୍ ଫାରନିକ୍ ଙ୍କ କାହାଣୀ କହେ। ବହୁ ପୂର୍ବରୁ ସେ ସାନ ଫ୍ରାନ୍ସିସ୍କୋ ସହରର ଉତ୍ତରରେ ଥିବା ମାରିନ କାଉଣ୍ଟିରେ ଜଣେ ନାବାଳିକା ଥିଲେ। ମାରିଲିନ୍ ଯୀଶୁଙ୍କୁ ବିଶ୍ୱାସ କଲେ। ଯଦି ମାରିଲିନ୍ ଡ୍ରଗ୍ସ ନିଅନ୍ତେ କିମ୍ବା ପୁଅମାନଙ୍କ ସହ ଶାରୀରିକ ସମ୍ପର୍କ ରଖନ୍ତେ ତେବେ ତାଙ୍କ ମାଁ'ଙ୍କର କୌଣସି ଆପତ୍ତି ହୋଇ ନ ଥାନ୍ତେ - କିନ୍ତୁ ସେହି ମାଁ ଚାହୁଁ ଥିଲେ ଯେ ମାରିଲିନ୍ ଖ୍ରୀଷ୍ଟଙ୍କ ସହିତ କୌଣସି ସଂପର୍କ ନ ରଖୁ! ସେ ମାରିଲିନଙ୍କୁ ଘରୁ ବାହାର କରିଦେଲେ। କିନ୍ତୁ ମାରିଲିନ୍ ତ୍ରାଣକର୍ତ୍ତାଙ୍କ ପ୍ରତି ବିଶ୍ୱସ୍ତ ରହିଲେ। ତାଙ୍କ ସ୍ୱାମୀ ଜେରୀଙ୍କ ସହ ସେ ବର୍ତ୍ତମାନ ଚେକ ରିପବ୍ଲିକରେ ମିଶନାରୀ ଭାବରେ କାର୍ଯ୍ୟ କରନ୍ତି। ଅଗଷ୍ଟ ୨୬ ତାରିଖରେ ଜେରୀ ଏବଂ ମାରିଲିନ୍ ଆମ ଘରେ ମୋତେ ଦେଖା କରିଥିଲେ। ସେମାନେ ସେମାନଙ୍କର ସେବାକାର୍ଯ୍ୟର ଏକ ଉପସ୍ଥାପନା ଦେଇଥିଲେ ଯାହାକୁ ଆମେ ଭିଡିଓରେ ରେକର୍ଡ କରି ଚର୍ଚ୍ଚରେ ଦେଖାଇଥିଲୁ। ସେମାନେ କେତେ ଆଶୀର୍ବାଦପ୍ରାପ୍ତ! ଲୋକମାନଙ୍କୁ ରକ୍ଷା କରିବାରେ ଏବଂ ସେମାନଙ୍କୁ ତାଙ୍କ ସେବାରେ ବ୍ୟବହାର କରିବାରେ ପରମେଶ୍ୱରଙ୍କ କୃପା ଯେ ମହାନ ଏହା ଏକ ଚମତ୍କାରର ବିଷୟ ଅଟେ। ଯେପରି ପ୍ରେରିତ ଯୋହନ କହିଥିଲେ, "ମୋହର ସନ୍ତାନମାନେ ଯେ ସତ୍ୟରେ ଆଚରଣ କରୁଅଛନ୍ତି, ଏହା ଶୁଣିବାଠାରୁ ମୋର ଆନନ୍ଦର ଆଉ ବଡ଼ ବିଷୟ ନାହିଁ ।" (ତୃତୀୟ ଯୋହନ ୪)

ଅଗଷ୍ଟ ୨୯ ତାରିଖରେ ଜ୍ୟାକ୍ ଗାନ୍ ଙ୍କୁ ଆମର ନୂତନ ପାଳକ ଭାବରେ ଚର୍ଚ୍ଚକୁ ଉପସ୍ଥାପନ କରାଯାଇଥିଲା। ଜ୍ୟାକ୍ ଜଣେ ଆମେରିକୀୟ ଜନ୍ମିତ ଚୀନର ବ୍ୟକ୍ତି ଅଟନ୍ତି। ସେ ବିବାହିତ ଏବଂ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ଯେପରି ମୋର ପାଳକ ଡକ୍ଟର ତୀମଥି ଲିନ୍ ମୋତେ ତାଲିମ ଦେଇଥିଲେ, ସେହିପରି ମୁଁ ଜଣେ ସସମ୍ମାନେ ସେବାରୁ ନିବୃତ୍ତ ପାଳକ ଭାବରେ ଜ୍ୟାକଙ୍କୁ ପାଳକଙ୍କ କାର୍ଯ୍ୟ ପାଇଁ ତାଲିମ ଦେଉଛି। ଭାଇ ଗାନ୍ ଜଣେ ଉତ୍ତମ ଖ୍ରୀଷ୍ଟିଆନ ଏବଂ ତାଙ୍କ ଉପରେ ଆମର ବହୁତ ଆଶା ଅଛି। ଦୟାକରି ଆମର ନୂତନ ଚର୍ଚ୍ଚ ଏବଂ ସେଠାରେ ତାଙ୍କର ସେବାକର୍ଯ୍ୟ ପାଇଁ ପ୍ରାର୍ଥନା କରନ୍ତୁ।

***ଆପଣ WWW.SERMONSFORTHEWORLD.COM ରେ ୪୬ଟି ଭାଷାରେ ଆମର ଶହଶହ ଶାବ୍ଦିକ ଉପଦେଶ ଏବଂ ଶିକ୍ଷାଗୁଡିକ ପାଠ ପଢ଼ିପାରିବେ।***

ସେପ୍ଟେମ୍ବର ୨୨ ତାରିଖରେ ସାନ୍ ଗାବ୍ରିଏଲ୍ ସହରରେ ଆମର ନୂତନ ଚର୍ଚ୍ଚ ଭବନର ନବୀକରଣ ପାଇଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଅଛି। ଆସନ୍ତା ବର୍ଷ ଆରମ୍ଭରେ କୋଠାଟି ବ୍ୟବହାର ନିମନ୍ତେ ପ୍ରସ୍ତୁତ ହୋଇଯିବ। ଏହା ହଜାର ହଜାର ଚୀନର ଲୋକମାନଙ୍କ ମଧ୍ୟରେ ଅବସ୍ଥିତ ଅଟେ।

ଅକ୍ଟୋବର ମାସରେ ଇଲିଆନାଙ୍କ ପିତା ରାଫେଲ କୁଏଲର ଗୁଆଟେମାଲା ଠାରୁ ଉଡ଼ାଯାହାଜ ଯୋଗେ ଗଲେ ଏବଂ ଆମ ଘରେ କିଛି ସପ୍ତାହ ରହିଲେ। ସେ ବହୁତ ଭଦ୍ରଲୋକ, ଏବଂ ବହୁତ କାର୍ଯ୍ୟଶୀଳ ଏବଂ ସକ୍ରିୟ ବ୍ୟକ୍ତି ଅଟନ୍ତି – ଆପଣମାନେ ବୋଧେ ଜାଣନ୍ତି ଯେ ତାଙ୍କ ବୟସ ୯୦ ବର୍ଷରୁ ଅଧିକ ଅଟେ! ଅଗଷ୍ଟ ୨୯ ତାରିଖରେ ଆମେ ଆମ ଘରେ ମଣ୍ଡଳୀ ସହିତ ଏକତ୍ର ତାଙ୍କର ୯୧ ତମ ଜନ୍ମଦିବସ ପାଳନ କରିଥିଲୁ।

ନଭେମ୍ବର ୨୧ ତାରିଖରେ ଆମ ଘରେ ସଂପୂର୍ଣ୍ଣ ମଣ୍ଡଳୀ ନିମନ୍ତେ ଆମେ ଧନ୍ୟବାଦର ଏକ ବଡ଼ ଭୋଜି ଦେଇଥିଲୁ। ଏହା ସ୍ୱାଦିଷ୍ଟ ଥିଲା! ଖାଦ୍ୟ ରାନ୍ଧିବା ଏବଂ ରାତ୍ରୀ ଭୋଜନ ପ୍ରସ୍ତୁତ କରିଥିବା ନିମନ୍ତେ ଆମେ ଇଲିଆନା, ଜ୍ୟାକ୍ ଗାନ୍, ଏବଂ ଆମର ଡିକନ୍ ମାନୁଏଲ୍ ମେନସିଆଙ୍କୁ ଧନ୍ୟବାଦ ଦେଉ।

ଏହାର ଏକ ବର୍ଷ ବିତିଗଲାଣି! ସମସ୍ତ ଗୌରବ ପରମେଶ୍ୱରଙ୍କର ହେଉ ଯିଏ ଆମ ପ୍ରାର୍ଥନାର ଉତ୍ତର ଦେଲେ, ଏବଂ ଖ୍ରୀଷ୍ଟଙ୍କର ହେଉ ଯିଏ ଆମ ଆତ୍ମାକୁ ରକ୍ଷା କଲେ। ୧୯୯୧ ମସିହାରେ ସ୍କଟଲ୍ୟାଣ୍ଡର ଗ୍ଲାସ୍ଗୋ ସହରରେ ଥିବା ବିଲି ଗ୍ରାହାମ୍ କ୍ରୁସେଡରେ ଜର୍ଜ ବେଭର୍ଲି ଶିଆ ଗାଇଥିବା ଗୀତ ବିଷୟରେ ମୁଁ ଭାବୁଛି,

> ହେ ପରମପିତା, ତୁମର ଆତ୍ମାକୁ ପରିତ୍ୟାଗ କରି
> ପୃଥିବୀରେ କାର୍ଯ୍ୟ ସମାପ୍ତ ହେବା ପର୍ଯ୍ୟନ୍ତ ତୁମ ପୁତ୍ରକୁ ଦେଇଥିବାରୁ ଧନ୍ୟବାଦ।
> (କିଥ୍ ଗ୍ରୀନ୍ ଙ୍କ ଦ୍ୱାରା ଲିଖିତ, ୧୯୫୩-୧୯୮୨ "ଜଣେ ମୁକ୍ତିଦାତା ଅଛନ୍ତି")

ଯେହେତୁ ଆମେ ତ୍ରାଣକର୍ତ୍ତାର ଜନ୍ମଦିବସ ପାଳନ କରୁଛୁ, ଆସନ୍ତୁ ଉଚ୍ଚ ସ୍ୱରରେ କହିବା, "ପ୍ରଭୁ ପରମେଶ୍ୱର ଧନ୍ୟବାଦ। ଏବଂ ଯୀଶୁ ଖ୍ରୀଷ୍ଟଙ୍କର ପ୍ରଶଂସା ହେଉ!"



ଯୀଶୁଙ୍କ ନାମରେ ଆପଣଙ୍କର,



ରେଭ୍. ଆର୍. ଏଲ୍. ହାଇମର୍ସ, ଜୁନିଅର,
D.Min., D.Rel., Th.D., Litt.D.
ଫିଲିପ୍ପୀୟ ୪:୧୩

ମୁଁ ମୋ ନାତୁଣୀମାନଙ୍କ ସହିତ ଆଗ ଧାଡିର ମଝିରେ ଅଛି,
ବାମ ପାର୍ଶ୍ୱରେ ହାନ୍ନା ଏବଂ ଡାହାଣ ପାର୍ଶ୍ୱରେ ସାରା। ପଛ ଧାଡିରେ,
ବାମରୁ ଡାହାଣକୁ: ଇଲିଆନାଙ୍କ ପିତା ରାଫେଲ କୁଏଲର୍, ଇଲିଆନାଙ୍କ
ମାତା ଲିଣ୍ଡା, ରୋବର୍ଟ ଲେସଲିଙ୍କ ପତ୍ନୀ ଜିନ୍, ଲିଟିଲ୍ ବବ୍ କୁ ଧରି
ତାଙ୍କ ପିତା ରବର୍ଟ, ମୋ ପତ୍ନୀ ଇଲିଆନା, ଆମ ପୁଅ ୱେସଲି,
ଏବଂ ଇଲିଆନାଙ୍କ ଭଉଣୀ ୟଭେଟ୍ କୁଏଲର୍।

***ଆପଣ WWW.SERMONSFORTHEWORLD.COM ରେ ୪୬ଟି ଭାଷାରେ ଆମର ଶହଶହ ଶାବ୍ଦିକ ଉପଦେଶ ଏବଂ ଶିକ୍ଷାଗୁଡିକ ପାଠ ପଢ଼ିପାରିବେ।***